ପ୍ରେସ୍‌ନୋଟ୍

## ଆରମ୍ଭ ହେଲା ଷ୍ଟେଟ ବ୍ୟାଙ୍କ ଭ୍ରାମ୍ୟମାଣ ଏ ଟି ଏମ୍ ସେବା ।

### ଅପହଞ୍ଚ ଇଲାକାରେ ପହଞ୍ଚାଇବ ବ୍ୟାଙ୍କ ସେବା ।

ଅନୁଗୋଳ, ତା.୨୭.୦୪:- ସାମ୍ପ୍ରତିକ ପରିସ୍ଥିତିରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଏ ଟି ଏମ୍ ସେବାକୁ ଗୁରୁତ୍ୱ ଦେଉଛନ୍ତି । ଗ୍ରାହକମାନେ ବ୍ୟାଙ୍କକୁ ନ ଆସି ଏ ଟି ଏମ୍ ମାଧ୍ୟମରେ ଟଂକା ଉଠାଣ କରିପାରିବେ । ସେଥିପାଇଁ ସମସ୍ତ ଏ ଟି ଏମ୍‌ରେ ଆବଶ୍ୟକ ପରିମାଣର ଟଂକା ରଖିବାକୁ ନିର୍ଦ୍ଦେଶ ରହିଛି । ଅନୁଗୋଳ ଜିଲ୍ଲାରେ ଭାରତୀୟ ଷ୍ଟେଟ ବ୍ୟାଂକ ତରଫରୁ ସର୍ବପ୍ରଥମେ ଏକ ଭ୍ରାମ୍ୟମାଣ ଗାଡି ମାଧ୍ୟମରେ ଅପହଂଚ ଇଲାକାରେ ବ୍ୟାଂକ ସେବା ଯୋଗାଇ ଦେବାର ପ୍ରୟାସ ଆରମ୍ଭ ହୋଇଛି । ଏହି ଭ୍ରାମ୍ୟମାଣ ଗାଡିକୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ କରୋନା ସଂକ୍ରମଣ ବ୍ୟାପୁଥିବା ସମୟରେ ଭାରତୀୟ ଷ୍ଟେଟ ବ୍ୟାଂକର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଂକର କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରୀ ପ୍ରମୋଦ କୁମାର ପ୍ରଧାନ ଉପସ୍ଥିତ ରହି ବ୍ୟାଂକି ସେବା ଅପହଂଚ ଅଂଚଳରେ ପହଂଚି ଗ୍ରାହକମାନଂକୁ ସେବା ଯୋଗାଇବ ବୋଲି ଆଶାବ୍ୟକ୍ତ କରିଥିଲେ । ଅନୁଗୋଳ ମୁଖ୍ୟ ଶାଖାର ପ୍ରବନ୍ଧକ ଶ୍ରୀ କିଶୋର ଚନ୍ଦ୍ର ଦାସ ଉପସ୍ଥିତ ରହି ଇଣ୍ଟରନେଟ୍ ସେବା ତଥା ଆଧୁନିକ ପ୍ରଯୁକ୍ତି ଜ୍ଞାନ କୌଶଳରେ ୟୁନୋ (YONO) ଆପ୍ ମାଧ୍ୟମରେ ସମସ୍ତ ପ୍ରକାର ବ୍ୟାଂକିଂ ସେବା ଗ୍ରାହକମାନେ ଘରେ ରହି ପାଇବାକୁ ନିବେଦନ କରିଥିଲେ । ଏହାଛଡା ଘର ପାଖରୁ ଏ ଟି ଏମ୍ କାର୍ଡ ବ୍ୟତିତ ୟୁନୋ କ୍ୟାଶ୍ କାର୍ଡ, କ୍ୟୁ ଆର କୋଡ ମାଧ୍ୟମରେ ଟଂକା ଉଠାଣ କରିବାକୁ ଅନୁରୋଧ କରିଥିଲେ । ବିଶେଷ କାମ ନଥିଲେ ବ୍ୟାଂକକୁ ନ ଆସି ଉପରୋକ୍ତ ଉପଲବଧ ସେବା ପାଇବାକୁ ପ୍ରବନ୍ଧକ ଜଣାଇଥିଲେ । ଜିଲ୍ଲାରେ ପ୍ରଥମ କରି ଭାରତୀୟ ଷ୍ଟେଟ ବ୍ୟାଂକ ମୋବାଇଲ ଏ ଟି ଏମ୍ ସେବାକୁ ଫାଲଗୁନି ପଟ୍ଟନାୟକ ଚେନେଲ ମ୍ୟାନେଜର କାର୍ଯ୍ୟକ୍ଷମ କରାଇଛନ୍ତି ।


SBI
SBI
yono SBI
SBI
2021.04.27 11:10